# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ମଣ୍ଡଳିରେ ପ୍ରଳୟ ଉପସ୍ଥିତ ହେଲା

ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଉପଯୋଜକ: Ruth Klassen

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଇଶ୍ୱରଙ୍କ ପୁତ୍ର ଯୀଶୁଙ୍କ ପୁନରୁଥାନର ପଞ୍ଚାଶ ଦିନ ପରେ, ସେହି ପବିତ୍ର ଆତ୍ମା ତାଙ୍କ ଶିଷ୍ୟମାନଙ୍କ ସହିତ ରହିବାକୁ ଆସିଲା । ଅଥବା ଶିଷ୍ୟମାନେ ପିତା ଇଶ୍ୱର ପୁତ୍ର ଇଶ୍ୱର (ଯୀଶୁ) ଏବଂ ପବତ୍ର ଆତ୍ମା ପରମେଶ୍ୱର ସେ ସମସ୍ତେ କିପରି ଏକ ଅଟନ୍ତି, ସେମାନେ ପରମେଶ୍ୱରଙ୍କୁ ସେମାନଙ୍କ ସହିତରେ ପାଇ ଆନନ୍ଦିତ ଥିଲେ ।



ସଦାପ୍ରଭୁ ମହତ୍ତ୍ ବିଷୟ ଗୁଡ଼ିକ ଦ୍ୱାରା ଅନ୍ୟମାନଙ୍କୁ
ଯୀଶୁଙ୍କ ବିଷୟ କହିବାରେ ଶିଶ୍ୟମାନଙ୍କୁ ସାହାଯ୍ୟ କଲେ ।



ଲୋକମାନେ ଯେଉଁମାନେ ଯୀଶୁଙ୍କ ଉପରେ
ବିଶ୍ୱାସ କଲେ ସେମାନେ ନିଜର ସମସ୍ତ
ସଂପତ୍ତି ସର୍ବସାଧାରଣରେ ବାଣ୍ଟିଲେ
ଯାହାଦ୍ୱାରା ଗରିବ ଲୋକମାନଙ୍କୁ
ଯତ୍ନ କରାଯାଇ ପାରିବ । କିନ୍ତୁ
ଗୋଟିଏ ପରିବାରର
ସ୍ୱାମୀ ସ୍ତ୍ରୀ ଦୁହେଁ
ହନନୀୟ ଓ ସଫିରା
ବେଇମାନ୍ ଥିଲେ ।



ସେମାନେ କିଛି ଜମି ବିକ୍ରୟ କରି
ତହିଁର ସମସ୍ତ ମୂଲ୍ୟ ପ୍ରେରିତମାନଙ୍କ
ନିକଟକୁ ଆଣିଥିବା ଅଭିନୟ
କଲେ । ଗୁପ୍ତ ଭାବରେ
ସେମାନେ କିଛି ଅଂଶ
ନିଜପାଇଁ ଲୁଚାଇ
ରଖିଲେ ।





ପବିତ୍ର ଆତ୍ମାଙ୍କ ନିକଟରେ ମିଥ୍ୟା କହିବାକୁ ଶୟତାନ କାହିଁକି ତୁମ୍ଭ ହୃଦୟ ସଂପୂର୍ଣ୍ଣ ଅଧିକାର କରିଅଛି ..., ପିତର ହନନୀୟଙ୍କୁ କହିଲେ । ତୁମ୍ଭେ ଯେ ମନୁଷ୍ୟ ନିକଟରେ ମିଥ୍ୟା କହିଲ ତାହା ନୁହେଁ ମାତ୍ର ଇଶ୍ୱରଙ୍କ ନିକଟରେ ମିଥ୍ୟା କହିଲ ।



ତାହାପରେ ହନନୀୟ କଛାଡ଼ି ହୋଇ ପଡ଼ି ପ୍ରାଣତ୍ୟାଗ କଲା । ଆଉ ଯୁବକମାନେ ଉଠି ତାହାକୁ ଲୁଗାରେ ଗୁଡ଼ାଇ ବାହାରକୁ ଘେନଯାଇ ସମାଧି ଦେଲେ ।

କିଛି ସମୟ ପରେ, ସଫିରା ଆସିଲା, କିନ୍ତୁ ତାଙ୍କ ସ୍ୱାମି ଯେ ମୃତ ତାହା ସେ ଜାଣି ନ ଥିଲା । ସେ ମଧ୍ୟ ଟଙ୍କା ବିଷୟରେ ମିଥ୍ୟା କହିଲା ଏବଂ ତାଙ୍କ ନିମନ୍ତେ ମଧ୍ୟ ସେହିପରି ହେଲା । ସେଥିରେ ଯେତେଲୋକ ଏହା ଶୁଣିଲେ ସମସ୍ତେ ଅତିଶୟ ଭୟଭିତ ହେଲେ ।





ପବିତ୍ର ଆତ୍ମା ପରମେଶ୍ୱର
ପ୍ରେରିତମାନଙ୍କ
ଦ୍ୱାରା ଅନେକ
ମହତ୍ କାର୍ଯ୍ୟ ସାଧନ
କଲେ । ଉଦାହରଣରେ,
ପିତରଙ୍କ ଛାୟା ରୋଗି
ମାନଙ୍କ ଉପରେ ପଡ଼ିଲେ
ସେମାନେ ସୁସ୍ଥତା ପାଇଲେ ।

ଏହା ଏକ ସମୟ
ଯେତେବେଳେ
ମହା ଆଶ୍ଚର୍ଯ୍ୟ
କର୍ମମାନ ଦେଖାଗଲା,
ଯାହା ଇଶ୍ୱରଙ୍କ ଉପସ୍ଥିତ
ବର୍ଣ୍ଣନା କଲା । ଅଧିକରୁ



ଅଧିକ ଲୋକ ଯୀଶୁଙ୍କ
ଉପରେ ବିଶ୍ୱାସ କଲେ ।



କିନ୍ତୁ ରାତ୍ରୀକାଳରେ
ପ୍ରଭୁଙ୍କର ଜଣେ
ଦୂତ କାରାଗାରର
ଦ୍ୱାରସବୁ ଫିଟାଇ ଦେଇ
ସେମାନଙ୍କୁ ବାହାରକୁ ଆଣି
କହିଲେ, ଯାଅ, ମନ୍ଦିରରେ
ଠିଆହୋଇ ଲୋକମାନଙ୍କୁ
ଏହି ଜୀବନ ସମ୍ବନ୍ଧୀୟ କଥା କୁହ । ପ୍ରେରତମାନେ ବାହାରକୁ
ଯାଇ ଯୀଶୁଙ୍କ ବିଷୟରେ ଶିକ୍ଷା ଦେବାକୁ ଲାଗିଲେ । ପ୍ରଭାତ ସମୟରେ
ମହାଯାଜକଙ୍କ ଦାସମାନେ ଆସି କାରାଗାରକୁ ଶୁନ୍ୟ ଦେଖିଲେ ।

ଯେତେବେଳେ ସେ ସେମାନଙ୍କୁ ପାଇଲେ, ମହାଯାଜକ ପ୍ରେରିତମାନଙ୍କୁ ପଚାରିଲେ, ଆମ୍ଭେ କି ତୁମ୍ଭମାନଙ୍କୁ ଏହି ନାମରେ ଶିକ୍ଷା ଦେବାରେ ଅତି ଦୃଢ଼ରୂପେ ନିଷେଧ କରିନଥିଲୁ । ପିତର ଓ ଅନ୍ୟ ପ୍ରେରିତମାନେ କହିଲେ, ଆମ୍ଭେ ମନୁଷ୍ୟମାନଙ୍କର

ଆଜ୍ଞା ଅପେକ୍ଷା ବରଂ

ଈଶ୍ୱରଙ୍କ ଆଜ୍ଞା

ପାଳନ କରିବା

କର୍ତ୍ତବ୍ୟ ।



ମହାଯାଜକ ପ୍ରଚଣ୍ଡ କ୍ରୋଧ କଲେ, ସେ ପ୍ରେରିତମାନଙ୍କୁ ବଧ କରିବାକୁ ଉଦ୍ୟତ ହେଲେ । ତାହା ବଦଳରେ ସେ ସେମାନଙ୍କୁ ପ୍ରହାର କଲେ ଓ ଛାଡ଼ିଦେଲେ । ସେମାନଙ୍କର ବ୍ୟଥା ସତ୍ତ୍ୱେ, ପ୍ରେରିତମାନେ ସଦାପ୍ରଭୁଙ୍କ ବାଧ୍ୟ ହେଲେ ଏବଂ ସୁସମାଚାର ପ୍ରଚାର କରିବାରେ କ୍ଷାନ୍ତ ହେଲେ ନାହିଁ ।



ଦିନକରେ, ଏକ ଲୋକ ଯାହାକୁ ସ୍ତିଫାନ କୁହାଯାଉଥିଲା ସେମାନେ ତାହାଙ୍କୁ ଧରିଲେ । ସ୍ତିଫାନ ଯୀଶୁଙ୍କୁ ଭୟ କରୁଥିଲେ । ଅନ୍ୟମାନଙ୍କୁ ଯୀଶୁଙ୍କ ବିଷୟରେ କହିବାକୁ ପବିତ୍ର ଆତ୍ମା ତାହାଙ୍କୁ ବ୍ୟବହାର କଲା ।



କେତେ ଲୋକ ମିଥ୍ୟା କହିଲେ, ଏହି ଲୋକଟା ଏହି ପବିତ୍ର ସ୍ଥାନ ବିଷୟରେ କହିବାକୁ କ୍ଷାନ୍ତ ହେଉନାହିଁ । ପରିହାସାତ୍ମକ ବିଚ଼ାର ପରେ, ଷ୍ଟିଫାନଙ୍କ ବିଶ୍ୱାସ ଯୀଶୁଙ୍କ ଉପରେ ଥିବାହେତୁ ସେମାନେ ତାଙ୍କୁ ପ୍ରସ୍ତରାଘାତ କରି ବଧ କଲେ ।



ତାଙ୍କ ମୃତ୍ୟୁ ପୂର୍ବରୁ, ସ୍ତିଫାନ, ପବିତ୍ର ଆତ୍ମାରେ ପୂର୍ଣ୍ଣହୋଇ, ସ୍ୱର୍ଗପ୍ରତି

ସ୍ଥିର ଦୃଷ୍ଟିରେ ଚାହିଁଲେ ଆଉ

ଈଶ୍ୱରଙ୍କ ମହିମା ଓ ଯୀଶୁଙ୍କୁ

ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ

ଠିଆ ହୋଇଥିବା ଦେଖି

କହିଲେ, ଯେତେବେଳେ

ସେମାନେ ସ୍ତିଫାନଙ୍କୁ

ପଥର ଫୋପାଡ଼ି

ମାରୁଥିଲେ ସେତେବେଳେ

ସେ ପ୍ରାର୍ଥନା ...



... କରି କହିଲେ ହେ ପ୍ରଭୁଯୀଶୁ ମୋର ଆତ୍ମା ଗ୍ରହଣ କର । ତାହା ପରେ, ଯୀଶୁ ଯେପରି କ୍ରୁଶରେ ଥିବା ସମୟରେ, ସେହିପରି ସେହି ସାହସୀ ଲୋକ ନିଜର ଶେଷ ସମୟରେ ନିଜ ଶତ୍ରୁମାନଙ୍କ ନିମନ୍ତେ ପ୍ରାର୍ଥନା କଲେ ଯେପରି ଈଶ୍ୱର ସେମାନଙ୍କର ପାପ କ୍ଷମା କରିବେ ।



ଷ୍ଟିଫାନଙ୍କ ମୃତ୍ୟୁ ସହିତ ମଣ୍ଡଳୀ ପ୍ରତି ଅତିଶୟ ତାଡ଼ନା ଘଟିଲା । ଏକ ଶାଉଲ ନାମର ଯୁବକ ଷ୍ଟିଫାନଙ୍କ ହତ୍ୟାକାରୀ ମାନଙ୍କୁ ସହାଯ୍ୟ କଲେ, ସେମାନେ ଘରେ ଘରେ ପଶି ସମସ୍ତ ବିଶ୍ୱାସି ମାନଙ୍କୁ ଟାଣିଆଣିଲେ ।



ଅନେକେ ସେମାନଙ୍କ ଗୃହରୁ ପଳାୟନ କଲେ ଓ ଛିନ୍ନ ଭିନ୍ନ ହେଲେ ସମରିଆ ଓ ଯିହୁଦା ପ୍ରଦେଶକୁ ପଳାୟନ କଲେ । କେବଳ ପ୍ରେରିତମାନେ ଯିରୁଶାଲମରେ ରହିଲେ ।



ସେମାନଙ୍କ ଶତ୍ରୁମାନେ ସେମାନଙ୍କୁ ବଧ କରିବାକୁ ଚେଷ୍ଟା କଲେ ସୁଧା,
ଯେଉଁମାନେ ଛିନ୍ନ ଭିନ୍ନ ହୋଇଥିଲେ ସେମାନେ ଚତୁର୍ଦିଗରେ ଭ୍ରମଣ
କରୁ କରୁ ଯୀଶୁଙ୍କ ବିଷୟରେ ପ୍ରଚାର କଲେ ।
ପବିତ୍ର ଆତ୍ମାଙ୍କ ଚାଳନା ହେତୁ କେହିମଧ୍ୟ
ସେମାନଙ୍କୁ ବାଧା ଦେଇ ପାରିଲେ ନାହିଁ ।



ମଣ୍ଡଳିରେ ପ୍ରଳୟ ଉପସ୍ଥିତ ହେଲା

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ପ୍ରେରିତ ୫-୭

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯ୍ୟନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬